ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/IPR(Od)/1284/21-11-2023**

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା – ୨୦୨୩

# ରାଜ୍ୟ ସହିତ ବିଶ୍ୱକୁ ଯୋଡୁଛି ଓଡିଶାର ଗ୍ରାମୀଣ ହସ୍ତଶିଳ୍ପ ଓ ବୟନଶିଳ୍ପ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧/୧୧/୨୦୨୩:

ଓଡିଶାର ଗ୍ରାମୀଣ ହସ୍ତଶିଳ୍ପୀ ଓ ବୟନଶିଳ୍ପୀମାନଙ୍କୁ ବିଶ୍ୱବଜାର ସୁବିଧା ଉପଲବ୍ଧ କରି ସେମାନଙ୍କୁ ସ୍ଥାୟୀ ଜୀବିକା ସୁଯୋଗ ଦେବା, ସେମାନଙ୍କ ଜୀବନଜୀବିକା ଗୁଣବତ୍ତାରେ ଉନ୍ନତି ଆଣିବା ଓ ସେମାନଙ୍କ ଅଭିନବ ଦକ୍ଷତାକୁ ବିଶ୍ୱ ପରିଚୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସହଯୋଗୀ ସଂସ୍ଥା ଓରମାସ ଗତ ୧୪ ତାରିଖ ଠାରୁ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ସ୍ଥିତ ପ୍ରଗତି ମଇଦାନରେ ଆୟୋଜିତ ହେଉଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଓଡିଶା ପାଭିଲିୟନ ମାଧ୍ୟମରେ ଅଂଶ ଗ୍ରହଣ କରିଛି ।

ପାଭିଲିୟନର ୧ ନମ୍ବର ଷ୍ଟଲରେ ନୂଆପଡାର ମା'ବୈଭବଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମୟୂରଭଞ୍ଜର ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ କାଷ୍ଠ କାରୁକାର୍ଯ୍ୟ ଓ ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ ଏବଂ ୨ ନମ୍ବର ଷ୍ଟଲରେ କୋରାପୁଟର ଲେମନ ଗ୍ରାସ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଲେମନ ଗ୍ରାସରୁ ପ୍ରସ୍ତୁତ ବିଭିନ୍ନ ଉପକାରୀ ଦ୍ରବ୍ୟ ଓ ନବରଙ୍ଗପୁରର ନବରଙ୍ଗୀ ଫାର୍ମ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କୃଷି ଉପକରଣ ମିଳୁଥିବା ବେଳେ ୩ ନମ୍ବର ଷ୍ଟଲରେ ବାଲେଶ୍ୱରର ବାବା ପଞ୍ଚଲିଙ୍ଗେଶ୍ୱର ଟେରାକୋଟା ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଓଡିଶାର ଟେରାକୋଟା ଗୃହସଜ୍ଜା ସାମଗ୍ରୀ ଓ ଗଞ୍ଜାମର ଅନନ୍ତ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଆଚାର, ପାମ୍ପଡ ଆଦି ଖାଦ୍ୟ ସାମଗ୍ରୀ ଏବଂ ୪ ନମ୍ବର ଷ୍ଟଲରେ ଯାଜପୁରର ଜୟ ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଟସରରୁ ପ୍ରସ୍ତୁତ ଶାଢ଼ି ଓ ଅନ୍ୟାନ୍ୟ ବସ୍ତ୍ର ଓ କୋଟପାଡର ସଛକବି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଜି.ଆଇ. ଟ୍ୟାଗ କୋଟପାଡ ଶାଢ଼ି ମିଳୁଛି । ଅନୁରୂପ ଭାବେ, ପାଭିଲିୟନର ମଧ୍ୟଭାଗରେ ନିର୍ମିତ ବୋଇତର ଡେକ ଉପରେ କେଉଁଝରରୁ ଆସିଥିବା ଜ୍ୟୋତି ଉତ୍ପାଦକ ଗୋଷ୍ଠୀ ବ୍ୟବହୃତ କାଗଜରୁ ପ୍ରସ୍ତୁତ ବିଭିନ୍ନ ଗୃହସଜ୍ଜା ସାମଗ୍ରୀର ନିର୍ମାଣ ଶୈଳୀ ପ୍ରଦର୍ଶନ କରି ପ୍ରଶଂସିତ ହେଉଛନ୍ତି ।

ଗତକାଲି ସୁଦ୍ଧା ୭ ଦିନ ମଧ୍ୟରେ ଓର୍‌ମାସ୍‌ର ୪ଟି ଷ୍ଟଲରେ ୧୦ ଲକ୍ଷ ୫୩ ହଜାର ୯୬୦ ଟଙ୍କାର ବ୍ୟବସାୟ ହୋଇଛି ।

ହରପ୍ରସାଦ ମହାପାତ୍ର
ସୂଚନା ଅଧିକାରୀ